କେନ୍ଦୁଝର

## ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

କେନ୍ଦୁଝର,୧୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ): ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ, କେନ୍ଦୁଝର ଜିଲାର ବାର୍ଷିକ ସମ୍ମିଳନୀ ରବିବାର ସଂଘ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ରବୀନ୍ଦ୍ର ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ କହ୍ନେଇ ଚରଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କୋଷାଧ୍ୟକ୍ଷ ମଦନ ମୋହନ ଦ୍ୱିବେଦୀ, ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ଶିକ୍ଷକମାନଙ୍କର ସମସ୍ୟା ସମାଧାନ ନିମନ୍ତେ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକକର୍ମୀ ହରମୋହନ ପଟ୍ଟନାୟକ ଓ ସେବତୀ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂଯୋଜକ କ୍ଷୀରୋଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର କର୍ମକର୍ତ୍ତା କେନ୍ଦୁଝର ସର୍କିଟ୍ ହାଉସ୍‌ରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଜିଲାପାଳ ବିଶାଳ ସିଂଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ ପୂର୍ବକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅଭିଯୋଗକୁ ମୁଖ୍ୟ ଶାସନ ସଚିବ ଓ ଜିଲାପାଳ ଗୁରୁତ୍ୱର ସହ ଗ୍ରହଣ କରିଥିଲେ।

# ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଳ ସଙ୍କଟ

### ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ ଚେତାବନୀ

ପାଟଣା,୧୧।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତର ନୂଆଗାଁ ଗ୍ରାମରେ ଶୀତ ଦିନ ନ ସରୁଣୁ ତଥା ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଗାଁରେ ଜଳ ସଙ୍କଟ ଦେଖାଦେଲାଣି। ଗ୍ରାମରେ ଥିବା ଏକ ମାତ୍ର ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନ ଥିବାରୁ ଲୋକେ ନାଳ, ଚୁଆରୁ ପାଣି ସଂଗ୍ରହ କରୁଛନ୍ତି। ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଗ୍ରାମବାସୀ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମରେ ୩ ଶହ ପରିବାରର ୮ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ଦୀର୍ଘ ବର୍ଷ ଧରି ଜଳ ସମସ୍ୟା ଲାଗି ରହିଛି। ପ୍ରତ୍ୟେକ ଦିନ ଭୋରରୁ ଗାଁ ମଝିରେ ଥିବା ନଳକୂପରେ


ମହିଳାମାନେ ନାଳରୁ ପାଣି ସଂଗ୍ରହ କରି ଫେରୁଛନ୍ତି।

ପାଣି ପାଇଁ ମହିଳାଙ୍କ କସରତ ଲାଗିଥାଏ। ଉକ୍ତ ଏକ ମାତ୍ର ନଳକୂପରୁ ମଧ୍ୟ ଯଥେଷ୍ଟ ପାଣି ବାହାରୁ ନ ଥିବାରୁ ମହିଳାମାନେ ବାଧ୍ୟ ହୋଇ ଏକ କିଲୋମିଟର ଦୂରରେ ଥିବା ନାଳ ଓ ଚୁଆରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନାରେ ୫ ବର୍ଷ ପୂର୍ବେ ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ହୋଇଛି। ମାତ୍ର ଏଥିରୁ ଗ୍ରାମବାସୀଙ୍କୁ ଜଳ ଯୋଗାଣ ହେଉନି। ସମସ୍ୟା ସମ୍ପର୍କରେ ବାରମ୍ବାର ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଓ ଜିଲାପାଳଙ୍କୁ ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଣୁ ସମସ୍ୟା ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଧରଣୀଧର ନାଏକ, ରମ୍ଭାଦେଇ ନାଏକ, ନିରୁପମା ମହାକୁଡ଼, ରଶ୍ମିରେଖା ସିଂ ପ୍ରମୁଖ ଗ୍ରାମବାସୀ କହିଛନ୍ତି। ପାଟଣା ଏବିଡ଼ିଓ ଚିତରଞ୍ଜନ ନାୟକ କହିଛନ୍ତି, ସୋମବାର ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ଉକ୍ତ ଗାଁକୁ ଗସ୍ତ କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ।

## ତାରିଣୀ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ

### ମୁଖ୍ୟ ଶାସନ ସଚିବଙ୍କ ଘଟଗାଁ ଗସ୍ତ

ଘଟଗାଁ,୧୧।୨ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ରବିବାର ଘଟଗାଁ ଗସ୍ତରେ ଆସି ମା' ତାରିଣୀଙ୍କୁ ଦର୍ଶନ କରି ପୂଜା ଅର୍ଚ୍ଚନା କରିଥିଲେ। ପରେ ମା'ଙ୍କ ପୀଠରେ ହେବାକୁ ଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ଘଟଗାଁ ମାନଚିତ୍ର ଦେଖିବା ସହ ପାର୍କିଂ ସ୍ଥାନ ଓ ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ ଦେଖିଥିଲେ। ଏହି ଅବସରରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଉପ ଜିଲାପାଳ ତ୍ରିଲୋଚନ ମହାନ୍ତି, ପର୍ଯ୍ୟଟନ ଅଧିକାରୀ ରମେଶ ନାୟକ, ସୁପରିଣ୍ଟେଣ୍ଟ ଇଞ୍ଜିନିୟର ହରେକୃଷ୍ଣ ପଣ୍ଡା, ତହସିଲଦାର ଭବାନୀ ପ୍ରଧାନ, ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ର, ପ୍ରେମ ସିଂହ, ଚିନ୍ମୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ନିକଟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦୁଝର ଗସ୍ତ ସମୟରେ ମା' ତାରିଣୀ ପୀଠର ବିକାଶ ପାଇଁ ୫୦ କୋଟି ଅନୁଦାନ ଅର୍ଥ ମଞ୍ଜୁର ହୋଇଛି ବୋଲି ଘୋଷଣା କରିଥିଲେ।


ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମା' ତାରିଣୀ ମନ୍ଦିର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

## ଢେଙ୍କିକୋଟ୍ ହାଇସ୍କୁଲ ୧୯୮୬ ବ୍ୟାଚ୍‌ର ବନ୍ଧୁମିଳନ



ଢେଙ୍କିକୋଟ,୧୧।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସର୍ବ ପୁରାତନ ସତ୍ୟନାରାୟଣ ବିଦ୍ୟାପୀଠ(ହାଇସ୍କୁଲ) ୧୯୮୬ ବ୍ୟାଚର ବନ୍ଧୁମିଳନ ପୌରାଣିକ ପୀଠ ସୀତାବିଞ୍ଝିଠାରେ ଅନୁଷ୍ଠିତ ହୋଇଯାଇଛି। ୧୬ତମ ବନ୍ଧୁମିଳନରେ ୭୫ ଜଣ ଛାତ୍ରୀଛାତ୍ର ଯୋଗଦେଇ ନିଜ ନିଜ ମଧ୍ୟରେ ସୁଖ ଦୁଃଖ ଆଦାନପ୍ରଦାନ କରିଥିଲେ। ଦିବଂଗତ ସହପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଗଜପତି ଜିଲା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସେକ୍ ମୈମୁର ପରିଚାଳନା କରିଥିଲେ। ମହେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମୀର ଲାହା, ଧ୍ରୁବେନ୍ଦ୍ର ସାହୁ, ବିରଞ୍ଚି ବେହେରା, ଏମ୍‌ଡି ଜାବେର, ବୀଣାପାଣି ପଟ୍ଟନାୟକ, ତରୁଲତା ମହାନ୍ତ, ସରୋଜିନୀ ନାଏକ, ବୀଣାପାଣି ପାଳ, ପର୍ବତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## 'ଅସାଧାରଣ ବିଶ୍ୱବିଦ୍ୟାଳୟ ସୃଷ୍ଟି କରିବାକୁ ଉଦ୍ୟମ କରିବା'

### ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ

କେନ୍ଦୁଝର,୧୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ବିଶ୍ୱ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ ପ୍ରଥମ ପ୍ରତିଷ୍ଠା ଅବସରରେ ସେ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଛାତ୍ରୀଛାତ୍ର, ସ୍ଥାନୀୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅଭିଭାଷଣରେ କହିଥିଲେ, ଜିଲା ଖଣିଜ ସମ୍ପଦ ପୂର୍ଣ୍ଣ। ଏଣୁ ସରକାର ଏହି ଜିଲାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ୬୫ ବର୍ଷ ତଳେ ପ୍ରତିଷ୍ଠିତ ହୋଇଥିବା କଲେଜ ଆଜି ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ତେଣୁ ସାଧାରଣ ନୁହେଁ, ଅସାଧାରଣ ବିଶବିଦ୍ୟାଳୟ ସୃଷ୍ଟି କରିବାକୁ ଆମେ ଉଦ୍ୟମ କରିବା। ଜ୍ଞାନ, ରିସର୍ଚ୍ଚ ଓ ଫିଜିକାଲ ଭିତ୍ତିଭୂମିର ବିକାଶକୁ ଅଧିକ ଗୁରୁତ୍ୱ ଦେବାକୁ ଉଦ୍ୟମ କରିବା। ଭିତ୍ତିଭୂମିର ବିକାଶ ପାଇଁ ସରକାର ୫୨ କୋଟି ଦେବାକୁ କହିଛନ୍ତି। ଆବଶ୍ୟକ ଅନ୍ୟ ସମ୍ବଳ ସରକାର ପରବର୍ତ୍ତୀ ସମୟରେ ଦେବେ। ଏହାର ମାଷ୍ଟର ପ୍ଲାନିଂ ପାଇଁ କୁହାଯାଇଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ପ୍ରାକ୍ତନ ଛାତ୍ର ଭାବେ କୁଳପତି ପ୍ରାଧ୍ୟାପକ ପ୍ରତାପ କୁମାର ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପାଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରାଧ୍ୟାପକ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ପ୍ରାଧ୍ୟାପକା ଶୁଭସ୍ମିତା ଦାଶ ସଂଯୋଜନା କରିଥିଲେ। ସଂସ୍କୃତି ସମ୍ମାନରେ ନିଳାଦ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁଳସଚିବ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମ ଆଇନ ବିରୋଧରେ ଶ୍ରମିକ ସମାବେଶ

ଯୋଡ଼ା,୧୧।୨(ମାନସ ମହାନ୍ତି)

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ କେନ୍ଦୁଝର ଜିଲା ଜୁରୁଡ଼ି ହାଟପଦା ଛକଠାରେ କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ ୟୁନିୟନ (ଏଆଇଟିୟୁସି) ପକ୍ଷରୁ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଶୋଭାଯାତ୍ରାରେ ଜୁରୁଡ଼ିସ୍ଥିତ ଶ୍ରମିକ ସଂଘ କାର୍ଯ୍ୟାଳୟରୁ ବାହାରି, କ୍ରେଚ୍ ହଟିଂ, ଗଣେଶ ମନ୍ଦିର ହଟିଂ, ଜଳହରି ଦେଇ ଜୁରୁଡ଼ି ହାଟ ଛକଠାରେ ପହଞ୍ଚିଥିଲେ। ଏଆଇଟିୟୁସି ସର୍ବ ଭାରତୀୟ ସମ୍ପାଦକ, ତଥା ଶ୍ରମିକ ସଂଘର ସଭାପତି ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସ ଯୋଗଦେଇ ପ୍ରଚଳିତ ଶ୍ରମ ଆଇନକୁ କମ୍ପାନୀ ସପକ୍ଷରେ ୪ଟି କୋଡରେ ପରିଣତ, ଦୈନିକ ୧୨ଘଣ୍ଟା କାମ କରିବା ନୀତିକୁ ବିରୋଧ, ଜିଲାର ସମସ୍ତ ଖଣି ଓ କାରଖାନାରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ପୂର୍ବରୁ ଖଣିରେ ପ୍ରଚଳିତ ଥିବା ଛୁଟି ଓ ଅନ୍ୟାନ୍ୟ ଛୁଟି ଲାଗୁ, ଇପିଏଫର ସର୍ବନିମ୍ନ ୧୦ ହଜାର ଟଙ୍କା କରିବା, ସର୍ବନିମ୍ନ ମଜୁରୀ ବୃଦ୍ଧି, ଡ୍ରାଇଭରଙ୍କ ପାଇଁ ଲାଗୁ ହୋଇଥିବା କଳା ଆଇନ ପ୍ରତ୍ୟାହାର, ଡିଜେଲ ପେଟ୍ରୋଲ ଦାମ ହ୍ରାସ ଓ ଦରବୃଦ୍ଧି ନିୟନ୍ତ୍ରଣ ପ୍ରଭୃତି ଦାବି ହୋଇଥିଲା। ଶ୍ରମିକ ସଂଘର ସାଧାରଣ ସମ୍ପାଦକ ତଥା ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ୟୁନିୟନର ସଭାପତି ରାମକୃଷ୍ଣ ପଣ୍ଡା, ସଂଘର ଉପ ସାଧାରଣ ସମ୍ପାଦକ କପିଳ ମହାନ୍ତି, ଉପ ସଭାପତି କାହ୍ନୁ ଚରଣ ସାମଲ ପ୍ରମୁଖ ଯୋଗଦେଇଥିଲେ।

ଭଦ୍ରକ

## ବୋଲେରୋ-ହାଇୱା ଧକ୍କା: ଜଣେ ମୃତ, ୬ ଗୁରୁତର

ଭଦ୍ରକ,୧୧।୨(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଆରଡ଼ିଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ବୋଲେରୋ ଓ ହାଇୱା ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ବୋଲେରୋରେ ଡ୍ରାଇଭର ସମେତ ମୋଟ ୧୧ଜଣ ଥିଲେ। ୧୦ଜଣ ଆହତ ହୋଇଥିବା ବେଳେ ୪ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି ଏବଂ ଗୁରୁତର ୬ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳରୁ ଗତ ୮ ତାରିଖରେ ବୋଲେରୋରେ ପୁରୀ ଯାଇଥିଲେ। ଶନିବାର ସେମାନେ ପୁରୀରୁ ଫେରୁଥିବା ବେଳେ ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ଆରଡ଼ିଛକ ନିକଟରେ ସାମ୍ନାରୁ ଏକ ହାଇୱା ପଶି ଆସିବାରୁ ଧକ୍କା ହୋଇଥିଲା। ବୋଲେରୋରେ ଥିବା ସନ୍ତୋଷ ମିଶ୍ର(୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ସୌଦାମିନୀ(୩୦) ଗୁରୁତର ହୋଇଛନ୍ତି। ଅନ୍ୟ ଯାତ୍ରୀ ଭଗବତୀ ବେହେରା(୩୮) ଓ ତାଙ୍କ ଝିଅ ଶୁଭସ୍ମିତା ବେହେରା(୧୭), ପ୍ରତିମା ପଣ୍ଡା(୪୦)ଙ୍କ ସମେତ ୬ଜଣଙ୍କୁ କଟକ ପଠାଯାଇଛି। ମୃତ ସନ୍ତୋଷଙ୍କ ପୁଅ ତେଜସ୍ୱୀ ମିଶ୍ର(୮), ଭଗବତୀଙ୍କ ପୁଅ ସ୍ନେହାଶିଷ ବେହେରା(୧୩), ସତ୍ୟଭାମା ମିଶ୍ର(୭୦) ଓ ଲକ୍ଷ୍ମୀପ୍ରିୟା ମହାପାତ୍ର(୪୮) ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ହାଇୱା ଫେରାର ହୋଇଯାଇଥିବା ବେଳେ ଗ୍ରାମାଞ୍ଚଳ ପୋଲିସ ବୋଲେରୋକୁ ଥାନାକୁ ନେଇଛି।

## ମହୋତ୍ସବ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ରଖେ



ବାସୁଦେବପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ବାସୁଦେବପୁର,୧୧।୨
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଯାଦବ ପଡ଼ିଆରେ ପୌରପାଳିକା ଆନୁକୂଲ୍ୟରେ ଚାଲିଥିବା ବାସୁଦେବପୁର ମହୋତ୍ସବ 'ବାସୁଦେବାୟନ'ର ଶନିବାର ଥିଲା ୩ୟ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଉଦ୍‌ଘାଟନ କରି ମହୋତ୍ସବ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ରଖିଥାଏ ବୋଲି କହିଥିଲେ। ବରେଣ୍ୟ ଅତିଥି ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଅନ୍ୟତମ ଅତିଥି ଭାବେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଏସ୍‌ଡିପିଓ ସୌରଭ ଓତା, ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିବା ବେଳେ ପୌରନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ସ୍ୱାଗତ ବକ୍ତବ୍ୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ଚେୟାରମ୍ୟାନ ଧୀରେନ୍ଦ୍ର ପଣ୍ଡୁଆ, ପଞ୍ଚାନନ ସେନାପତି ଓ ଅଞ୍ଜୁଳତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଯୋଜନାରୁ ସମସ୍ତେ ଉପକୃତ ହେବା ସରକାରଙ୍କ ଉଦ୍ଦେଶ୍ୟ'

### ୩ ପଞ୍ଚାୟତରେ ସଚେତନତା ଶିବିର

ତିହିଡ଼ି,୧୧।୨(ସଞ୍ଜିତ ବଳ)

ଲୋକଙ୍କ ପାଇଁ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ସମସ୍ତେ ଏଥିରୁ ଉପକୃତ ହେଲେ ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହେବ ବୋଲି ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ବାହାବଳପୁର, ସୟା ଓ ମହରମପୁର ପଞ୍ଚାୟତରେ ରବିବାର ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଛନ୍ତି। ବାହାବଳପୁରରେ ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ସୟାରେ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ ଏବଂ ମହରମପୁରରେ ଜିଲା ଉପସଭାପତି ସୁରେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ୩ ଶିବିରରେ ବିଧାୟକ ରାଉତରାୟଙ୍କ ସହ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ନାୟକ, ସରପଞ୍ଚ ସୁପ୍ରଭା ପାଣି, ପୁଷ୍ପାଞ୍ଜଳି ଲେଙ୍କା, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବାହାବଳପୁରରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ, ପୂର୍ବତନ ସରପଞ୍ଚ ବିପିନ ବେହେରା, ବରିଷ୍ଠ ନେତା ଅଜୟ ଦାସ, ପ୍ରଫୁଲ୍ଲ ଧଳ, ସୟାରେ ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ଯୁବନେତା ଅଭୟ ମଲ୍ଲିକ, ଲଳିତ ମୋହନ ନାୟକ, ଶୁଭେନ୍ଦୁ ମଲ୍ଲିକ, ମହରମପୁରରେ ସରପଞ୍ଚ ତାପସ ବେହେରା, ପିଇଓ ସୁକାନ୍ତି ବାରିକ, ପୂର୍ବତନ ସରପଞ୍ଚ ବିଷ୍ଣୁ କୁଅଁର, କମଳାକାନ୍ତ ସାହୁ, ଅଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବିଭିନ୍ନ ଏସ୍‌ଏଚ୍‌ଜିର କର୍ମକର୍ତ୍ତା ପିଠା, ନିଜ କଳା କୌଶଳ ପ୍ରଦର୍ଶନ କରିଥିଲେ।

## ୟୁଆଲି ଡିଫେଣ୍ଡର ଚାମ୍ପିୟନ

### ଶରତ ମେମୋରିଆଲ ବାଲିପାଟଣା ପ୍ରିମିୟର ଲିଗ୍

ଧାମନଗର,୧୧।୨ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତ ବାଲିପାଟଣାଠାରେ ଚାଲିଥିବା ଶରତ ମେମୋରିଆଲ ବାଲିପାଟଣା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ରବିବାର ଗୋଲ୍‌ଡି ଗେମ୍ ଚେଞ୍ଜରକୁ ହରାଇ ୟୁଆଲି ଡିଫେଣ୍ଡର ଚାମ୍ପିୟନ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ ଦଳ ଭାଗ ନେଇଥିଲେ। ଗୋଲ୍‌ଡି ଗେମ୍ ଚେଞ୍ଜର ଟସ୍ ଜିତି ବ୍ୟାଟିଂ କରି ୮ ଓଭରରେ ୩ ଉଇକେଟ ହରାଇ ୪୯ ରନ୍ କରିଥିଲା। ୟୁଆଲି ଡିଫେଣ୍ଡର ୬ ଓଭରରେ ୫ ଉଇକେଟ ହରାଇ ୫୦ ରନ୍ କରିଥିଲା। ଅମ୍ପାୟାର ଭାବେ ବିଜୟ ବିଦ୍ୟାସାଗର ବେହେରା ଓ ନବଘନ ଦାସ, ସ୍କୋରର ଭାବେ ଦିଲୀପ ସାହୁ, କୁମାରେଶ ଆନ୍ଦିଆ ଓ ବିକାଶ ଆନ୍ଦିଆ ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଗୁରୁ ପ୍ରସାଦ ବେହେରା, ବୀରକିଶୋର ଆନ୍ଦିଆ ଓ ପ୍ରଫୁଲ୍ଲ ଆନ୍ଦିଆ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସୌମ୍ୟ ରଞ୍ଜନ ବେହେରା, ମ୍ୟାନ୍ ଅଫ୍ ଦି ସିରିଜ ଗୁରୁ ପ୍ରସାଦ ବେହେରା ଓ ଶ୍ରେଷ୍ଠ ବୋଲର ଭାବେ ନବଘନ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମୀନା ମାଝୀ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସଞ୍ଜୟ ମିଶ୍ର ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଖେଳାଳି।

## ପଦିନାରାୟଣପୁରରେ ରଟନ୍ତୀ କାଳୀପୂଜା

ଭଣ୍ଡାରିପୋଖରୀ,୧୧।୨
(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବାରିକପୁରସ୍ଥିତ ପଦିନାରାୟଣପୁରଠାରେ ରଟନ୍ତୀ କାଳୀପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ୭ ଦିନ ଧରି ଏହି ପୂଜା ଚାଲିବ। ୧୯୯୧ଠାରୁ ନଣ୍ଡା ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏହି ପୂଜା। ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ଦ୍ୱାରା ଘଟ ସ୍ଥାପନ, ପୂର୍ଣ୍ଣାହୁତି ଆଦି ପୂଜା କରାଯାଇଛି। କମିଟି ସଭାପତି ରମାକାନ୍ତ ରାଉତ, ସମ୍ପାଦକ ବିଜୟ କୁମାର ରାଉତ, ଶିକ୍ଷାବିତ୍ ଡ. ପୁରୁଷୋତ୍ତମ ଧଳ, ଗଦାଧର ବିଶ୍ୱାଳ, ଉମାକାନ୍ତ ସାହୁ, ଦୋଳଗୋବିନ୍ଦ ଖୁଣ୍ଟିଆ, ପ୍ରଦୀପ ବେହୁରିଆ, ହିମାଂଶୁ ରାଉତ, କେଦାର ଜେନା ଓ ଧନେଶ୍ୱର ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

## ସହରର ବିପର୍ଯ୍ୟସ୍ତ ରାସ୍ତାକୁ ନେଇ କଂଗ୍ରେସର ଉଦ୍‌ବେଗ

ଭଦ୍ରକ,୧୧।୨(ସନାତନ ରାଉତ/
ରବିନାରାୟଣ ଖିଲାର)


ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

ଭଦ୍ରକ ସହରର ମୁଖ୍ୟରାସ୍ତା ସମେତ ପୌରପାଳିକାର ବିଭିନ୍ନ ୱାର୍ଡର ରାସ୍ତାଘାଟ ମରାମତି କରାଯାଉ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରବିବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଏନେଇ କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିଛି। ଗେଲପୁରଠାରେ ନିର୍ମାଣ ହୋଇଥିବା ନୂଆ ମେଡିକାଲକୁ ଯିବା ପାଇଁ ସର୍ଭିସ୍ ରୋଡ୍ ନ ଥିବାରୁ ବିପଦପୂର୍ଣ୍ଣ ଭାବେ ରୋଗୀମାନେ ରାଜପଥ ପାରି ହେଉଛନ୍ତି। ସେହିପରି ନଳାଙ୍ଗଠାରେ ସ୍ଥାପନ ହୋଇଥିବା ଜିଲା କୋର୍ଟକୁ ଯାତାୟାତ ପାଇଁ ମଧ୍ୟ ସର୍ଭିସ୍ ରୋଡ୍ କରାଯାଇ ନାହିଁ। ବନ୍ତଛକରେ ଏକ ବଡ଼ ଟ୍ରାଫିକ୍ ସର୍କଲ କରାଯିବାକୁ କଂଗ୍ରେସର ଜିଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର ଦାବି କରିଛନ୍ତି। ଏହାବ୍ୟତୀତ ଚରମ୍ପା ଏଲ୍‌ସି ୧୧୯ ଫ୍ଲାଏ ଓଭରବ୍ରିଜର ଆପ୍ରୋଚ୍ ସର୍ଭିସ୍ ରୋଡ୍ ତୁରନ୍ତ କରାଯିବା ସହ ଏନ୍‌ଏଚ୍ ୧୬ରୁ ଗୁଣ୍ଠୁଣିଆ ବଜାର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ସେ ଦାବି ଜଣାଇଛନ୍ତି। ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ, ଜିଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ଭଦ୍ରକ ବିଧାନସଭା ଯୁବ କଂଗ୍ରେସ ନଗର ସଭାପତି ସୁଶାନ୍ତ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବିଶ୍ରାମପୁର-ନେଡୁଆଲି ରାସ୍ତାର ଭିତ୍ତିପ୍ରସ୍ତର

ଚାନ୍ଦବାଲି,୧୧।୨ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ବିଶ୍ରାମପୁରଠାରୁ ନେଡୁଆଲି ଭାୟା ଯୋଗୀପୋଖରୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ଡ. ବ୍ୟୋମକେଶ ରାୟ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୫ କି.ମି. ଏହି ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ୫.୩୪ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷା ମୀନତି ସୂତାର, ଉପାଧ୍ୟକ୍ଷ ସରୋଜ ବଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ଦାଶ, ପ୍ରିନ୍ସ ରାକେଶ ନାୟକ, କାଣ୍ଡଗରଡ଼ି ସରପଞ୍ଚ ଲମ୍ବୋଦର ପଣ୍ଡା, ଓରାସାହି ସରପଞ୍ଚ ଭାରତୀ ନାୟକ, ସମିତିସଭ୍ୟା ବିନିତା ରାଉତ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ କୁମାର ନାୟକ, ଯୁବନେତା ଦୀପକ ରାଉତ ପ୍ରମୁଖ ଭିତ୍ତିପ୍ରସ୍ତର ବେଳେ ଉପସ୍ଥିତ ଥିଲେ।

**ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ**

ବାହାନଗା,(ଅରୂପ୍ କୁମାର ଦାସ)- ବାହାନଗା ବ୍ଲକ ଗୋପାଳପୁର ବଜାରର ଜଣେ ଯୁବ ବ୍ୟବସାୟୀଙ୍କ ଶନିବାର ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଓଡ଼ଶାଳ ପଞ୍ଚାୟତ ଝଲଝଲିଆ ଗ୍ରାମର ସନ୍ତୋଷ ମିଶ୍ର(୪୨)। ଏହି ଦୁର୍ଘଟଣାରେ ତାଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ସମସ୍ତେ ପୁରୀରୁ ଏକ ବୋଲେରୋରେ ଫେରୁଥିବା ବେଳେ ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ନଳାଙ୍ଗଠାରେ ମାଲ ବୋଝେଇ ଟ୍ରକ୍ ସହିତ ଦୁର୍ଘଟଣା ଘଟିଥିଲା।



## ବାଲେଶ୍ୱର

## ମାର୍ଚ୍ଚ ୧ରୁ ରୂପ୍‌ସା ମହୋତ୍ସବ

ରୂପ୍‌ସା,୧୧।୨(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ୧୩ତମ ବାର୍ଷିକ ରୂପ୍‌ସା ମହୋତ୍ସବ ଆସନ୍ତା ମାର୍ଚ୍ଚ ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ରୂପ୍‌ସା ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ଉପଦେଷ୍ଟା ସୁଧାକର ଗିରି ବୈଠକରେ ପୌରାହିତ୍ୟ କରିଥିଲେ। ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, ସମ୍ପାଦକ ଚନ୍ଦନ କୁମାର ଜେନା, କୋଷାଧ୍ୟକ୍ଷ ଦୀପକ ସାମଲ, ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ବିନୟ କୁମାର ବେହେରା, ନିରଞ୍ଜନ ବାରିକ, ଡାକ୍ତର ମହାପାତ୍ର, ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନା, ଆଇନ ଶୃଙ୍ଖଳା ରକ୍ଷା ଆଦି ଦିଗରେ ଆଲୋକପାତ କରିଥିଲେ।

# ‘କର୍କଟ ରୋଗ ନିରାକରଣ ପାଇଁ ଅଧିକ ଗବେଷଣା ଆବଶ୍ୟକ’

ବାଲେଶ୍ୱର,୧୧।୨(ମାନସ ବିଶ୍ୱାଳ)

### ଫକୀରମୋହନ କଲେଜ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ



ଡା.ସରୋଜ କୁମାର ଦାସ ମଜୁମଦାରଙ୍କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦର ୩୦ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ପ୍ରଫେସର ଦିଲୀପ ଘୋଷ, ଦାଶ ବେନହୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ୟାସକବି ଫକୀର ମୋହନଙ୍କ ନାମରେ ନାମିତ ମହାବିଦ୍ୟାଳୟ ଏବଂ ଛାତ୍ର ସଂସଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଂସଦର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସଂସଦର ମୁଖପତ୍ର ‘ପ୍ରାକ୍ତନିକା’ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡ. ବିନୋଦିନୀ ପାତ୍ର, ଡ. ଉତ୍ତମ କୁମାର ବିଶ୍ୱାଳଙ୍କୁ ‘ଶିକ୍ଷକଗୌରବ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ‘ଛାତ୍ର ଗୌରବ’ ସମ୍ମାନରେ ଭୁବନେଶ୍ୱରସ୍ଥିତ ଏମ୍‌ସର କର୍କଟ ରୋଗ ବିଭାଗର ମୁଖ୍ୟ ତଥା ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ସେଣ୍ଟରର ଅଧ୍ୟକ୍ଷ ତଥା ଫକୀରମୋହନ କଲେଜର ପୁରାତନ ଛାତ୍ର ଡା. ସରୋଜ କୁମାର ଦାସ ମଜୁମଦାର, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଡ. ସୁଧାଂଶୁ ପରିଡ଼ା, ପ୍ରଫେସର ଜୟଗୋପାଳ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଡା. ମଜୁମଦାର କହିଛନ୍ତି ଯେ, କର୍କଟ ରୋଗ ନିରାକରଣ ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏପରିକି ରାଜ୍ୟ ସରକାର ଏବେ କର୍କଟ ରୋଗ ପାଇଁ ମଧ୍ୟ ଔଷଧ ପ୍ରଦାନ କଲେଣି। ଏହାବ୍ୟତୀତ ପ୍ରତି ଗାଁ ଗହଳିରେ ସଚେତନତା ସୃଷ୍ଟି କରାଯାଇ ପାରିଲେ କର୍କଟ ରୋଗକୁ ରୋକାଯାଇ ପାରିବ। ସଙ୍ଗଠନର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପ-ସଭାପତି ଅନୁସୂୟା ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସକାଳେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଲସେନ ଜଗଦେବ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ସଦସ୍ୟ ପୀତାମ୍ବର ଦାସଙ୍କ ରଚିତ ନାଟକ ‘ଜେଜିମା’ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସଦ ଓ ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଆରମ୍ଭ ହେଲା ବାଲିଆପାଳ-ବସ୍ତା କ୍ରିକେଟ ମହାସଂଗ୍ରାମ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁବାସିନୀ ଜେନା, ସିନେ ଅଭିନେତ୍ରୀ ସୁଶ୍ରୀ ଶିବାନୀ ସଙ୍ଗୀତା ଓ ଅନ୍ୟମାନେ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୧୧।୨

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳୀଝଟି ପଡ଼ିଆରେ ରବିବାର ବାଲିଆପାଳ -ବସ୍ତା କ୍ରିକେଟ ମହାସଂଗ୍ରାମ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ମହିଳା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ସିନେ ଅଭିନେତ୍ରୀ ସୁଶ୍ରୀ ଶିବାନୀ ସଂଗୀତା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ରବିନ୍ଦ୍ର କୁମାର ଜେନା, ବସ୍ତା ବ୍ଲକର ପୂର୍ବତନ ଚେୟାରମ୍ୟାନ ଲକ୍ଷ୍ମୀଧର ଦାସ, ବାଲିଆପାଳ ବ୍ଲକର ପୂର୍ବତନ ଚେୟାରମ୍ୟାନ ଅଶ୍ୱିନୀ କୁମାର ଜେନା, ବସ୍ତା ବ୍ଲକ ସଭାପତି ଅନିଲ କୁମାର ମହାନ୍ତି, ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବାଲିଆପାଳ ବ୍ଲକର ବିଜୁଜନତା ଦଳର ସମସ୍ତ ସରପଞ୍ଚ, ସମିତିସଦସ୍ୟ, ଜିଲାପରିଷଦ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ‘ସଚେତନ ହେଲେ କର୍କଟ ରୋଗୀ ଆରୋଗ୍ୟ ହୋଇପାରିବେ’

ଭୋଗରାଇ,୧୧।୨(ପ୍ରଦୀପ ଦାସ)

ପ୍ରାଥମିକ ଅବସ୍ଥାରେ କର୍କଟ ରୋଗ ଚିହ୍ନଟ ସହିତ ଉପଯୁକ୍ତ ଚିକିତ୍ସା କଲେ ରୋଗୀ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରିବେ। ଏଥିପାଇଁ ସଚେତନତା ଆବଶ୍ୟକ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମଧ୍ୟସ୍ଥଳୀ କମ୍ୟୁନିଟି ସେଣ୍ଟରରେ ସାମାଜିକ ସଂଗଠନ ‘ଶୋଭା’ ପକ୍ଷରୁ ଆୟୋଜିତ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଏମ୍‌ସ କର୍କଟ ବିଭାଗର ମୁଖ୍ୟ ବିଶେଷଜ୍ଞ ଡା. ସରୋଜ କୁମାର ଦାସ ମଜୁମଦାର କହିଛନ୍ତି। ପୂର୍ବତନ ସରପଞ୍ଚ ରମାକାନ୍ତ କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶୋଭାର କାର୍ଯ୍ୟକାରୀ ସଦସ୍ୟ କିଶୋର ରଥ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ କରଣ, ସମ୍ମାନିତ ଅତିଥି ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ବରିଷ୍ଠ ଉପଦେଷ୍ଟା ସୁବାସ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ଘରାଇ ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ବିଶ୍ୱଜିତ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ଭଗବାନ ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ମଣ୍ଡଳ ଓ ଗଣେଶ ଚନ୍ଦ୍ର ବେହେରାଙ୍କ ସମେତ ଦେହୁର୍ଦ୍ଦା ପଞ୍ଚାୟତର ଏମ୍‌ବିକେ ନମିତା ବାରିକ, ପଦ୍ମାବତୀ ବେହେରା, ଜ୍ୟୋସ୍ନାରାଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିମଳ କୁମାର ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଦେହୁର୍ଦ୍ଦା ପଞ୍ଚାୟତ ମହିଳା ମହାସଂଘ ସମେତ ୩୦୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳା, ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଏଥିରେ ଅଂଶଗ୍ରହଣ କରିଥିଲେ।

## ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ନୀଳଗିରି,୧୧।୨(ପ୍ରଶାନ୍ତ ବିଶ୍ୱାଳ)




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସନ୍ତରାଗଡ଼ିଆ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ପୂଜାର୍ଚ୍ଚନା ପରେ ଏକ ରାଲି ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରତିଷ୍ଠାତାମାନଙ୍କ ସହିତ ପୂର୍ବତନ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ପୁରାତନ ଛାତ୍ର ସଂସଦର ସଭାପତି ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳଗିରି ଉପ-ଜିଲାପାଳ ମନ୍ଦରଧର ମହାଲିକ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଫେସର ରମାକାନ୍ତ ବେହେରା, ସମ୍ମାନିତ ଅତିଥି ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତିଥିମାନେ ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ କରିଥିଲେ। ବିଦ୍ୟାଧର ବେହେରା, ଗାୟତ୍ରୀ ନାୟକ ଓ ଶୁଭଲକ୍ଷ୍ମୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପ-ସଭାପତି ହିମାଂଶୁ ଶେଖର ସେନାପତି, ସହ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ରାମକୃଷ୍ଣ ସ, ଏସ୍‌ଏମ୍‌ସି କମିଟିର ସଭାପତି ମୁକ୍ତିକାନ୍ତ ବାରିକ ଓ ଉପ-ସଭାପତି ଅନୁଯା ପରିରାଙ୍କ ସମେତ ପ୍ରଶାନ୍ତ ବେହେରା, ଗୌରହରି ଜେନା, ସଙ୍ଗୀତ ନିର୍ଦ୍ଦେଶକ ଟୁନୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବକ୍ରେଶ୍ୱର ରାସ୍ତା ସମ୍ପ୍ରସାରଣ ଲାଗି ଦାବିପତ୍ର

ଖଇରା,୧୧।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ପ୍ରସିଦ୍ଧ ଶୈବ ପୀଠ ଭାବେ ଖ୍ୟାତି ଅର୍ଜନ କରିଥିବା ବକ୍ରେଶ୍ୱର ପୀଠର ନିର୍ମାଣ କାର୍ଯ୍ୟ ଏବେ ଆରମ୍ଭ ହୋଇଥିବା ବେଳେ ଏହାର ସମ୍ପ୍ରସାରଣ,ପିଚୁ ବଦଳରେ କଂକ୍ରିଟ, ଅଧିକ ଓସାର ବିଶିଷ୍ଟ କରିବାକୁ ରାସ୍ତା ସଂଯୋଗ କରୁଥିବା ୮ଗ୍ରାମର ଅଧିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ମାନଙ୍କର ଏକ ବୈଠକ ଡକାଯାଇ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଲିଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ୫ଟି ଅଧ୍ୟକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ, ସଚିବ ଓ ମୁଖ୍ୟଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କର ଆପତ୍ତି ଅନୁଯାୟୀ ମାଖନପୁରରୁ ନିଶ୍ଚିନ୍ତା ଅନନ୍ତପୁର ଦେଇ ବାଉରିପଦା ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ଖଇରା ଓ ସିମୁଳିଆ ୨ବ୍ଲକକୁ ସଂଯୋଗ କରିବା ସହ ପ୍ରସିଦ୍ଧ ବକ୍ରେଶ୍ୱର ଶୈବ ପୀଠକୁ ଯାତାୟାତ ରାସ୍ତା। ନିକଟରେ ଏହି ରାସ୍ତାର ଶିଳାନ୍ୟାସ ପରେ କାମ ଆରମ୍ଭ ହୋଇଛି। ହେଲେ ପୁରୁଣା ଏଷ୍ଟିମେଟ ପରିବର୍ତ୍ତନ କରିବାକୁ ମାଖନପୁର, ମେଦିନିପୁର, ତରାଙ୍ଗ, ଅନନ୍ତପୁର ଶାସନ, ଟିପିସ ଗଡିଆ, କଣ୍ଡାପଡା ଶାସନ, ନିଶ୍ଚିନ୍ତା, ବାଉରିପଦା ଗ୍ରାମର ବାସିନ୍ଦା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। କାଂଶବାଂଶ ନଦୀ ଅତିକ୍ରମ କରୁଥିବା ଏହି ରାସ୍ତାକୁ ୧୨ଫୁଟିଆ ପିଚୁ ବଦଳରେ ୧୮ ଫୁଟିଆ କଂକ୍ରିଟ ରାସ୍ତା କରିବା, ଅଧିକ ୧.୫କିମି ରାସ୍ତା ସମ୍ପ୍ରସାରଣ କରି ଅନନ୍ତପୁର ଶାସନକୁ ସଂଯୋଗ କରିବା, ୧ସ୍ଥାନ ବକ୍ସସେଲ ବଦଳରେ ୨ ସ୍ଥାନର ବକ୍ସସେଲ ପୋଲ ନିର୍ମାଣ କରିବାକୁ ଉଲ୍ଲେଖ କରାଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଲୋକଙ୍କ ଦାବିକୁ ଯଥାର୍ଥତା ଦର୍ଶାଇ ଏ ସମ୍ପର୍କରେ ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି କରିଥିବା ଜଣାପଡ଼ିଛି।

## ମୟୂରଭଞ୍ଜ

# ଯୁକ୍ତ ୨ ପରୀକ୍ଷା ଦେବେ ୭୨୮୯୮ ପରୀକ୍ଷାର୍ଥୀ

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ବାଦ୍ ପଡ଼ିଲା ବାଡୁଣିଆ ଏସ୍‌ଏସ୍‌ଡି ବିଦ୍ୟାଳୟ

ଉତ୍ତର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଅଧୀନରେ ଥିବା ୪ ଜିଲାର ୭୨୮୯୮ ଛାତ୍ରୀଛାତ୍ର ଚଳିତ ବର୍ଷ +୨ ପରୀକ୍ଷା ଦେବେ। ପ୍ରଶ୍ନପତ୍ରଗୁଡ଼ିକ ୩୩ଟି ହବ୍ ସେଣ୍ଟରରେ ପହଞ୍ଚି ସାରିଛି। ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତା ୧୬ରୁ ବିଜ୍ଞାନ, ୧୭ରୁ କଳା ଓ ବାଣିଜ୍ୟ ଏବଂ ୧୯ରୁ ଧନ୍ଦାମୂଳକ ପରୀକ୍ଷା ହେବା ନେଇ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ପରୀକ୍ଷାକୁ ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବା ପାଇଁ ଶିକ୍ଷା ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବାରିପଦାସ୍ଥିତ ଉତ୍ତର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଅଧୀନରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାରେ ମୋଟ ୩୦୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରେ ଥିବା ୭୨୮୯୮ଜଣ ପରୀକ୍ଷାର୍ଥୀ ୨୨୦ଟି କେନ୍ଦ୍ରରେ ପରୀକ୍ଷା ଦେବା ନେଇ ସୁବନ୍ଦୋବସ୍ତ କରାଯାଇଛି। ମୟୂରଭଞ୍ଜ ଜିଲାରେ ଥିବା ୯୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ବାଡୁଣିଆ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୌଣସି ଛାତ୍ରୀଛାତ୍ର ୨୦୨୨ରେ ଆଡମିଶନ ନେଇ ନ ଥିବାରୁ ଉକ୍ତ ବିଦ୍ୟାଳୟ ବାଦ୍ ପଡ଼ିଛି। ଅନ୍ୟ ୯୪ଟି ବିଦ୍ୟାଳୟରୁ ମୋଟ ୨୩୬୪୯ ଜଣ ପରୀକ୍ଷାର୍ଥୀ ୭୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। କଳାରେ ୧୫୨୭୫ଜଣ,ବିଜ୍ଞାନରେ ୬୬୨୯ଜଣ, ବାଣିଜ୍ୟରେ ୧ହଜାର ୧୧୨ଜଣ ଓ ଧନ୍ଦାମୂଳକରେ ୬୩୩ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବାରିପଦା ଭଞ୍ଜପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେତନଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚିତ୍ରଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଝାରପୋଖରିଆ ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଯଶିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ରାଇରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଶ୍ନପତ୍ରଗୁଡ଼ିକ ଗଚ୍ଛିତ ରଖାଯାଇଛି ବୋଲି ଉତ୍ତରାଞ୍ଚଳ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଜୟଦେବ ପରମାଣିକ ପ୍ରକାଶ କରିଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ମୋବାଇଲ ବାରଣ କରାଯାଇଛି। କପି ରୋକିବା ନିମନ୍ତେ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସେହିପରି ବାଲେଶ୍ୱର ଜିଲାର ୧୦୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୨୪୨୩ଜଣ ୬୭ଟି ପରୀକ୍ଷାକେନ୍ଦ୍ର, କେନ୍ଦୁଝର ଜିଲାର ୫୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୪ ୩୦୮ଜଣ ୪୫ଟି ପରୀକ୍ଷା କେନ୍ଦ୍ରରେ ଓ ଭଦ୍ରକ ଜିଲାର ୪୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୨୫୧୮ଜଣ ୩୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

କୁଳିଅଣା,୧୧।୨(ଆଦିକନ୍ଦ ସାହୁ): ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ ନଂ. ଜାତୀୟ ରାଜପଥରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଝଡ଼ପୋଖରିଆ ଥାନା ଅଧୀନ ବେଲବରିଆ ଗ୍ରାମର ବିକ୍ରମ ଦାସ। ସେ ନିଜ ବାଇକ୍ ଯୋଗେ ବାରିପଦାରୁ ବେଲବରିଆକୁ ଯାଉଥିଲା। ଜାତୀୟ ରାଜପଥର କୁଚେଇ-ବାଇଗଣବାଡ଼ିଆ ମଧ୍ୟରେ ଏକ ଅଜଣାଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିକ୍ରମଙ୍କ ମାମୁ ଅଜିତ ଦାସଙ୍କ ଅଭିଯୋଗ କ୍ରମେ କୁଳିଅଣା ଥାନାରେ ମାମଲା (ନଂ. ୩୭/୨୪) ରୁଜୁ ହୋଇଛି।

## ପାୱାର ହିଟର୍ସ ଚାମ୍ପିୟନ

### ଯମପଡ଼ିଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସ୍ଥାନୀୟ ମୁର୍ଗାବାଡ଼ିସ୍ଥିତ ଯମପଡ଼ିଆରେ ଚାଲିଥିବା ୭ମ ବାର୍ଷିକ ଯମପଡ଼ିଆ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାୱାର ହିଟର୍ସ ୮ ରନ୍‌ରେ ବ୍ଲିଜାର୍ଡ ୧୭ ଦଳକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାୱାର ହିଟର୍ସ ୧୦ ଓଭରରେ ୩ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନୋଜ ନାଏକ ୪୩ ଓ ବୁଦ୍ଧଦେବ ନାଏକ ୩୭ ରନ କରିଥିଲେ। ବିଜୟ ଲକ୍ଷ୍ୟ ପିଛାକରି ବ୍ଲିଜାର୍ଡ ୧୭ ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ଘୋଷ ୨୬ ଓ କିଶୋର ସିଂହ ୨୦ ରନ୍ କରିଥିବା ବେଳେ ବିପକ୍ଷ ଦଳର ଭବତୋଷ ଶେଜପଡା ୩ ଓ ମନୋଜ ନାଏକ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ମନୋଜ ନାଏକ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଶିବଶଙ୍କର ଟୁଡୁ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭାଦବ ହାଁସଦା, ସାମାଜିକକର୍ମୀ ଅମର କୁମାର ସେଠୀ, ଯୁବନେତା କାମିନୀକାନ୍ତ ପରିଡ଼ା, ଆୟୋଜକ ପ୍ରକାଶ ସିଂ, ମିଳନ ସିଂ, ସୁମନ ଶେଖର ପ୍ରମୁଖ ଉପସ୍ଥିତ ଥିଲେ। ନିମାୟ ସୋରେନ ଓ ଚନ୍ଦନ ବିନ୍ଧାଣି ଖେଳ ପରିଚାଳନା କରିଥିଲେ। ଆଲୋକ ରଞ୍ଜନ ପୁହାଣ ଓ ରାକେଶ ବେହେରା ସ୍କୋରିଂରେ ସହାୟତା କରିଥିଲେ। ଶ୍ରୀକାନ୍ତ କୁମାର ଓ ଶିବ ଶଙ୍କର ଟୁଡୁ ଧାରା ବିବରଣୀ ପ୍ରଦାନ କରିଥିଲେ।

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ କହ୍ନେଇଲାଲ ପାତ୍ର**
(ବିଶିଷ୍ଟ ସମାଜସେବୀ ଓ ବ୍ୟବସାୟୀ)
ପାଲବଣୀ, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୦୨।୧୦।୧୯୪୨
ତିରୋଧାନ: ୧୨।୦୨।୨୦୨୩
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଓ ନୀତି ଆଦର୍ଶ ଚିରଦିନ ପାଇଁ ଆମର ମାର୍ଗ ଦର୍ଶନ କରିଥାଉ। ଏକ ବର୍ଷ ହେଲା ଆପଣଙ୍କର ଅନୁପସ୍ଥିତି ଅପୂରଣୀୟ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ଆରତୀ, ବଡ଼ପୁଅ: ଦେବାଶିଷ, ବଡ଼ବୋହୂ: ଜ୍ୟୋତିର୍ମୟୀ, ସାନପୁଅ: ଆଶିଷ, ସାନବୋହୂ: ଅଳକା, ପୁତୁରା: ଚନ୍ଦନ, ପୁତୁରାବୋହୂ: ଶିବାନୀ, ନାତି ଓ ନାତୁଣୀ: ନିଲ, ନିଷ୍ଠା, ମିଷ୍ଟି, ଅଭି ଓ ଆୟୁଷ ଏବଂ ପାତ୍ର ପରିବାର ଓ ଆତ୍ମୀୟସ୍ୱଜନ

## କନିଷ୍ଠ ଯନ୍ତ୍ରୀ ଗିରଫ

### ବିବାହ ପ୍ରତିଶ୍ରୁତି ଦେଇ ୨ ଜଣଙ୍କ ସହ ପ୍ରେମ ସମ୍ପର୍କ ଅଭିଯୋଗ

ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବିବାହର ପ୍ରତିଶ୍ରୁତି ଦେଇ ୨ ଝିଅଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ଜଳସେଚନ ବିଭାଗରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସୁନ୍ଦରଡ଼ିହି ଗ୍ରାମର ଶୁକ୍ରା ସିଂ(୨୭)। ସେ ରାଇରଙ୍ଗପୁର ଜଳସେଚନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରା ସୋସିଆଲ ମିଡିଆରୁ ୨ ଯୁବତୀଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ପରେ ପ୍ରେମଜାଲରେ ଦୁହିଁଙ୍କୁ ଫସାଇ ବିବାହ କରିବାର ପ୍ରତିଶ୍ରୁତି ଦେଇଥିଲେ। ଭିନ୍ନ ଭିନ୍ନ ସମୟରେ ଦୁହିଁଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ୨ ଯୁବତୀ ମୁହାଁ ମୁହିଁ ହେବା ପରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ମିଛ ପ୍ରେମ ଧରାପଡ଼ିଥିଲା। ଯାହାକୁ ନେଇ ପ୍ରତାରଣାର ଶିକାର ହୋଇଥିବା ୨ ଯୁବତୀ ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ କନିଷ୍ଠ ଯନ୍ତ୍ରୀ ଶୁକ୍ରାଙ୍କୁ ରବିବାର କୋର୍ଟଚାଲାଣ କରିଛି।

## ‘ମାଆବାପାଙ୍କ ଆଶୀର୍ବାଦ ସନ୍ତାନଙ୍କ ପାଇଁ ସମ୍ପଦ’




ଆମ ଗାଁ ଗୁରୁଜନ ପୂଜନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଉଦଳା,୧୧।୨ (ସନ୍ତୋଷ କୁମାର ବାଛିନୀ)

ମାଆବାପା ହେଉଛନ୍ତି ଜୀବନ୍ତ ଠାକୁର। ସେମାନଙ୍କ ସେବାରୁ ଯେଉଁ ଆଶୀର୍ବାଦ ମିଳିଥାଏ, ତାହା ହେଉଛି ସନ୍ତାନମାନଙ୍କ ପାଇଁ ସମ୍ପଦ। ଉଦଳା ବ୍ଲକ୍ ଅଧୀନ ସଂସ୍କୃତି ସମ୍ପନ୍ନ ଗ୍ରାମ ଡିହିରାକୁଳ ଦୋଳମଣ୍ଡପ ପଡିଆରେ ରବିବାର ଅନୁଷ୍ଠିତ ଆମ ଗାଁ ଗୁରୁଜନ ପୂଜନ ଉତ୍ସବ ସମାରୋହରେ ଅତିଥିମାନେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଏହି ମର୍ମରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ମହିଳା ପୁରୁଷ ଯୋଗଦେଇଥିଲେ। ସକାଳେ ଗୁରୁଜନମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ପରେ ଉପସ୍ଥିତ ପିତାମାତାଙ୍କୁ ଫୁଲଚନ୍ଦନ ଏବଂ ଉପଢୌକନ ପ୍ରଦାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତତ୍‌ସହିତ ସମସ୍ତ ଉପସ୍ଥିତ ଗୁରୁଜନମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି ଗୁରୁଜନ ପୂଜନ ଉତ୍ସବରେ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ଲକ୍ଷ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ବିଧାୟକ ଭାସ୍କର ମଢେଇ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଭଦ୍ରକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖାର ବରିଷ୍ଠ ଅଧିକାରୀ ବିଶ୍ୱଜିତ୍ ନାୟକ, ଅମୀୟ ବଳ ପ୍ରମୁଖ ଯୋଗଦେଇ ଏଭଳି ନିଆରା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପୁଷ୍ପ ଅର୍ପଣ କରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ରମେଶ ଚନ୍ଦ୍ର ପୃଷ୍ଟି, ଉଦଘୋଷିକା ପାୟଲ ନାୟକ ମଞ୍ଚ ପରିଚାଳନା କରିଥିଲେ। ଗୁରୁଜନ ପୂଜନ କମିଟିର ସର୍ବେଶ୍ୱର ହାତୀ, ମଧୁସୂଦନ ହାତୀ, ଗଣେଶ୍ୱର ବେହେରା, ଜୟନ୍ତ ବେହେରା, ଶତ୍ରୁଘ୍ନ ସାହୁ, ପ୍ରମୋଦ ସାହୁ, ସତ୍ୟପ୍ରିୟ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ। ଶେଷରେ ସମସ୍ତ ଗୁରୁଜନମାନେ ଆୟୋଜକ ଯୁବକ ବନ୍ଧୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମାଜ ପାଇଁ ଏକ ବଡ଼ ଆହ୍ୱାନ ବୋଲି କହିଥିଲେ।

## ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ

**O.A. No.17 of 2023 ଧା-୪୧**

ପ୍ରଫୁଲ କୁମାର ପାଣିଗ୍ରାହୀ ଓଗେର ... ... ବାଦୀ/ଦରଖାସ୍ତକାରୀ
- ବନାମ -
ମୁକ୍ତିକାନ୍ତ ଶିଅଳ ଓଗେର ... ... ପ୍ରତିବାଦୀ / ଅପରପକ୍ଷ

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଛି ପ୍ରଫୁଲ କୁମାର ପାଣିଗ୍ରାହୀ ଓଗେର ଶ୍ରୀ ଦୁର୍ଗାଦେବୀ ଠାକୁରାଣୀ ବିଜେ ଖୁଣ୍ଟା ନିଜଗୃହ ସା/ପୋ-ମାଣିପୁର (ଦୋଳିପଦା), ଥାନା- ସୋର, ଜି- ବାଲେଶ୍ୱର ପାର୍ଶ୍ୱତ ତରଫରୁ ଏବଂ ମାର୍ଫତ୍‌ଦାର ହିସାବରେ ଉକ୍ତ ୪୧ ଧାରା ମକଦ୍ଦମା ଉକ୍ତ କୋର୍ଟରେ ଦାଏର କରିଛନ୍ତି ଏବଂ ଘୋଷଣା କରିଛନ୍ତି ଯେ, ଉକ୍ତ ଠାକୁରାଣୀ ଜମି (ତଫସିଲଭୁକ୍ତ) ତାଙ୍କର ନିଜର ଘରୋଇ ଠାକୁରାଣୀ ଏବଂ ନିମ୍ନ ତଫସିଲ ଜମି ନିଜର ଘରୋଇ ସମ୍ପତ୍ତି ଦାବି କରିଛନ୍ତି। ଉକ୍ତ ମକଦ୍ଦମାରେ ହିନ୍ଦୁ ସର୍ବସାଧାରଣ ତରଫରୁ ମାଣିପୁର ଗ୍ରାମ, ଜି.- ବାଲେଶ୍ୱର ମୁକ୍ତିକାନ୍ତ ଶିଅଳ ଓ ମଦନ ମୋହନ ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଅଛି। ଉକ୍ତ ପ୍ରତିନିଧିତ୍ୱ ଦାବିରେ କାହାର କିଛି ଆପତ୍ତି/ ଅଭିଯୋଗ ଥିଲେ ସେମାନେ ଆସନ୍ତା ତା୨୮।୦୩।୨୦୨୪ରିଖ ଦିବା ୧୦.୩୦ ମିନିଟ ସମୟରେ ଆମ୍ଭ ଅଦାଲତରେ ଉପସ୍ଥିତ ରହି ଆପତ୍ତି ଦର୍ଶାଇବେ। ତାରିଖାନ୍ତେ ଆପତ୍ତି ଗ୍ରହଣୀୟ ନୁହେଁ।

**ତଫସିଲ**

ମୌଜା- ମାଣିପୁର, ଖାତା ନଂ.୬, ପ୍ଲଟ ନଂ.-୪୯୫, ଏରିଆ ଏ୦.୯୨ଡି., ଖାତା ନଂ. -୧୫, ପ୍ଲଟ୍ ନଂ.-୪୧୨, ଏରିଆ- ଏ୨.୮୦୦ଡି., ପ୍ଲଟ୍ ନଂ. ୪୩୧ ଏରିଆ- ଏ୦.୦୮ଡି. ପ୍ଲଟ୍ ନଂ.-୪୪୧, ଏରିଆ ଏ୦.୦୪ଡି, ପ୍ଲଟ୍ ନଂ.-୪୪୬, ଏରିଆ ଏ୦.୦୪ଡି., ପ୍ଲଟ୍ ନଂ.- ୪୪୭, ଏରିଆ ଏ୦.୧୪ଡି., ପ୍ଲଟ୍ ନଂ.- ୪୫୦, ଏରିଆ ଏ୦.୨୩ଡି., ପ୍ଲଟ୍ ନଂ. ୪୫୪, ଏରିଆ ଏ୦.୩୩ଡି., ପ୍ଲଟ୍ ନଂ. ୪୫୮, ଏରିଆ ଏ୦.୨୩ଡି., ପ୍ଲଟ୍ ନଂ.- ୪୬୩, ଏରିଆ- ଏ୦.୨୬ଡି., ପ୍ଲଟ୍ ନଂ.୪୬୯, ଏରିଆ ଏ୦.୨୨ଡି., ପ୍ଲଟ୍ ନଂ.୪୩୨, ଏରିଆ ଏ୦.୧୨ଡି., ପ୍ଲଟ୍ ନଂ.୪୭୨, ଏରିଆ ଏ୦.୯୩ଡି., ପ୍ଲଟ୍ ନଂ.୪୮୦, ଏରିଆ ଏ୦.୧୬ଡି., ପ୍ଲଟ୍ ନଂ. ୪୯୩, ଏରିଆ ଏ୦.୦୭୦ଡି., ପ୍ଲଟ୍ ନଂ.-୫୦୧, ଏରିଆ ଏ୦.୫୫ଡି., ପ୍ଲଟ୍ ନଂ.- ୧୩୦୯, ଏରିଆ ଏ୦.୬୫ଡି., ମୋଟ ଏରିଆ ଏ୭.୭୭ଡି., ପୋଷ୍ଟ ମାଣିପୁର, ଥାନା- ସୋର, ଜିଲ୍ଲା- ବାଲେଶ୍ୱର।

ସ୍ୱା./- ଶ୍ରୀ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ଓ.ଜେ.ଏସ୍.(୧)
ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକ

